ଜୱାହରଲାଲ ନେହେରୁ କୃଷି ବିଶ୍ୱ ବିଦ୍ୟାଳୟ,
ଜବଲପୁର, ଏମ୍.ପି.
ବନାମ
ବାଲ୍ କିଶନ୍ ସୋନି ଏବଂ ଅନ୍ୟମାନେ

ଏପ୍ରିଲ 7, 1997

[କେ. ରାମାସ୍ୱାମୀ ଏବଂ ଡି.ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ - କାର୍ଯ୍ୟ ପ୍ରଭାରିତ ପ୍ରକଳ୍ପ - କର୍ମଚାରୀମାନେ - ନିୟମିତକରଣ ଦାବି - ଭାରତୀୟ କୃଷି ଗବେଷଣା ପରିଷଦ ଦ୍ୱାରା ପ୍ରାୟୋଜିତ ଯୋଜନା - ଯୋଜନା ସହିତ ସହ-ସମାପ୍ତି ପରେ - ନିୟମିତକରଣ ପାଇଁ କର୍ମଚାରୀମାନଙ୍କ ଦ୍ୱାରା ଦାୟର କରାଯାଇଥିବା ଆଜ୍ଞାଦେଶ ଉଚ୍ଚ ନ୍ୟାୟାଳୟ ଦ୍ୱାରା ମଞ୍ଜୁର ହେଲା - ଆବେଦନକାରୀ ପ୍ରତିଷ୍ଠାନ ଦ୍ୱାରା ଅପିଲ - ନିର୍ଣ୍ଣୟ ହେଲା, ଏହି ପଦବୀଗୁଡ଼ିକ ଯୋଜନା ସହିତ ସହ-ସମାପ୍ତ ହୋଇଥାଏ - ଏହି ଯୋଜନା ଉଚ୍ଛେଦ ହେବା ପରେ, ପଦବୀଗୁଡ଼ିକ ମଧ୍ୟ ନିଶ୍ଚିତ ଭାବେ ଉଚ୍ଛେଦ ହୋଇଯାଏ - ଉଚ୍ଚ ନ୍ୟାୟାଳୟଙ୍କର ଆଦେଶକୁ ସେହି ସୀମା ପର୍ଯ୍ୟନ୍ତ ପରିବର୍ତ୍ତନ କରାଯାଇଛି - ଉତ୍ତରଦାତାମାନେ ଯେଉଁ ପଦବୀରେ କାର୍ଯ୍ୟ କରୁଛନ୍ତି ଏବଂ ସେମାନଙ୍କର କର୍ତ୍ତବ୍ୟ ନିର୍ବାହ କରୁଛନ୍ତି, ଉକ୍ତ ପଦବୀଟିର ବେତନ ହାର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।*

ଦେୱାନୀ ଅପିଲିୟ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 2888/1997 ।

ଏମ୍.ସି.ସି. ସଂଖ୍ୟା 461/1995ରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟର 12.7.96 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଜି.ସି. ଗୁପ୍ତା, ଏସ୍.କେ. ବନ୍ଦୋପାଧ୍ୟାୟ ଏବଂ ସି.ଏଲ୍. ସାହୁ ।

ଉତ୍ତରଦାତାମାନଙ୍କ ପାଇଁ ଟି.ଜି. ନାରାୟଣନ ନାୟାର ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟର ବିବିଧ ଆବେଦନ ସଂଖ୍ୟା 2935/1986 ରେ 9 ଫେବୃଆରୀ, 1995 ରେ ପାରିତ ହୋଇଥିବା ଆଦେଶ ଏବଂ ସମୀକ୍ଷା ଆବେଦନ (MCC ନଂ 461/1995) ରେ 12 ଜୁଲାଇ, 1996 ରେ ପାରିତ ହୋଇଥିବା ଆଦେଶରୁ ଉତ୍ପନ୍ନ ହୋଇଛି ।ଭାରତୀୟ କୃଷି ଗବେଷଣା ପରିଷଦ ଦ୍ୱାରା ପ୍ରାୟୋଜିତ ଏକ ଯୋଜନାରେ, ଆବେଦନକାରୀ-ଅନୁଷ୍ଠାନ

ଏହି ପ୍ରକଳ୍ପକୁ ହାତକୁ ନେଇଥିଲା । ବିଭିନ୍ନ ସ୍ତରରେ 625ଟି ପଦବୀ ସୃଷ୍ଟି କରାଯାଇଥିଲା । ଉତ୍ତରଦାତାମାନେ ଯଥାକ୍ରମେ ବାଇଣ୍ଡର୍, ମେସିନ୍ ଅପରେଟର ଏବଂ ଚତୁର୍ଥ ଶ୍ରେଣୀର କର୍ମଚାରୀ ଭାବରେ କାର୍ଯ୍ୟ କରୁଥିବାବେଳେ ନିୟମିତ ବେତନ-ହାର 750-945 ଟଙ୍କାରେ ସେମାନଙ୍କ ସେବାକୁ ନିୟମିତ କରିବା ପାଇଁ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାୟର କରିଥିଲେ, ଆକ୍ଷେପିତ ଆଦେଶ ଦ୍ୱାରା, ଉଚ୍ଚ ନ୍ୟାୟାଳୟ ଆଜ୍ଞାଦେଶ ଆବେଦନକୁ ଅନୁମତି ଦେଇଥିଲେ । ବ୍ୟଥିତ ହୋଇ, ଆବେଦନକାରୀ-ଅନୁଷ୍ଠାନ ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ଦାୟର କରିଛନ୍ତି ।

ଏହା ବିବାଦରେ ନାହିଁ ଯେ ଏହି ଯୋଜନା ଭାରତୀୟ କୃଷି ଗବେଷଣା ପରିଷଦ ଦ୍ୱାରା ପ୍ରାୟୋଜିତ ଏବଂ ସେଥିପାଇଁ ସ୍ଥାୟୀ ପଦବୀ ସୃଷ୍ଟି କରାଯାଇପାରିବ ନାହିଁ । ଏହି ପଦବୀଗୁଡ଼ିକ ଯୋଜନା ସହିତ ସହ-ସମାପ୍ତ ହୋଇଥାଏ । ଏହି ଯୋଜନା ଉଚ୍ଛେଦ ହେବା ପରେ, ପଦବୀଗୁଡ଼ିକ ମଧ୍ୟ ନିଶ୍ଚିତ ଭାବେ ଉଚ୍ଛେଦ ହୋଇଯିବ । ଆମକୁ ଅବଗତ କରାଯାଇଛି ଯେ ଏହି ଯୋଜନା ବଳବତ୍ତର ରହିପାରେ; କିନ୍ତୁ ଏହା ପ୍ରାୟୋଜିତ ଯୋଜନା ଏବଂ ଭାରତୀୟ କୃଷି ଗବେଷଣା ପରିଷଦ ଦ୍ୱାରା ଉପଲବ୍ଧ ପଦବୀ ଉପରେ ନିର୍ଭର କରେ । ତେଣୁ, ସେବାଗୁଡ଼ିକୁ ନିୟମିତ କରିବାର ନିର୍ଦ୍ଦେଶ ସେମାନଙ୍କ ପଦବୀ ଅଧିକାରର ଉଲ୍ଲଂଘନ ଅଟେ । ସେହି ସୀମା ପର୍ଯ୍ୟନ୍ତ ଉଚ୍ଚ ନ୍ୟାୟାଳୟଙ୍କର ଆଦେଶରେ ପରିବର୍ତ୍ତନ କରାଯାଇଛି । ଉତ୍ତରଦାତାମାନେ ଯେଉଁ ପଦବୀରେ କାର୍ଯ୍ୟ କରୁଛନ୍ତି ଏବଂ ସେମାନଙ୍କର କର୍ତ୍ତବ୍ୟ ନିର୍ବାହ କରୁଛନ୍ତି, ଉକ୍ତ ପଦବୀଟିର ବେତନ ହାର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ତଦନୁସାରେ ଅପିଲର ଫଇସଲା କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଟି.ଏନ୍.ଏ. ଅପିଲ ଫଇସଲା ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।